# 11th India-Finland Foreign Office Consultations

November 24, 2021

## ଭାରତ-ଫିନଲ୍ୟାଣ୍ଡ ମଧ୍ୟରେ 11 ତମ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ନଭେମ୍ବର 24, 2021**

ଭାରତ ଓ ଫିନଲ୍ୟାଣ୍ଡ ମଧ୍ୟରେ 11 ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 23 ନଭେମ୍ବର 2021 ରେ ହେଲସିଙ୍କିଠାରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀମତୀ ରୀନାତ୍ ସାନ୍ଧୁ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିବାବେଳେ ଫିନଲ୍ୟାଣ୍ଡ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସ୍ଥାୟୀ ସଚିବ ଶ୍ରୀ ମାଟ୍ଟି ଆଣ୍ଟୋନେନ ଫିନଲ୍ୟାଣ୍ଡ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

2. ଗଣତନ୍ତ୍ର, ସ୍ୱାଧୀନତା, ଆଇନର ଶାସନ ଏବଂ ମାନବାଧିକାରର ସମ୍ମାନ ମୂଲ୍ୟବୋଧକୁ ଆଧାର କରି ଭାରତ ଓ ଫିନଲ୍ୟାଣ୍ଡ ମଧ୍ୟରେ ଉଷ୍ମ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରଧାନମନ୍ତ୍ରୀ ସାନ୍ନା ମାରିନଙ୍କ ମଧ୍ୟରେ 16 ମାର୍ଚ୍ଚ 2021 ରେ ଅନୁଷ୍ଠିତ ହୋଇଥିବା ଭର୍ଚୁଆଲ୍ ଶିଖର ସମ୍ମିଳନୀ ଆମର ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଗତି ପ୍ରଦାନ କରିଛି।

3. ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଡିଜିଟାଇଜେସନ, କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ, ନବସୃଜନତା, ନିରନ୍ତର ବିକାଶ, ବୃତ୍ତାକାର ଅର୍ଥନୀତି ଏବଂ ଅକ୍ଷୟ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଭାଗିଦାରୀକୁ ସୁଦୃଢ଼ କରିବା ସହିତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ବିଷୟରେ ଆଲୋଚନା କରିବାକୁ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଏକ ସୁଯୋଗ ପ୍ରଦାନ କରିଥିଲା। ଉଭୟ ପକ୍ଷ ଭର୍ଚୁଆଲ୍ ଶିଖର ସମ୍ମିଳନୀ ପରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ଧନ୍ଦାମୂଳକ ଶିକ୍ଷା, ମହାକାଶ, ଷ୍ଟାର୍ଟଅପ୍, ସ୍ୱାସ୍ଥ୍ୟ ଏବଂ ଔଷଧୀୟ ସାମଗ୍ରୀ ଭଳି ନୂତନ କ୍ଷେତ୍ରରେ ସହଯୋଗ କରିବାକୁ ମଧ୍ୟ ସହମତ ହୋଇଥିଲେ।

4. ଉଭୟ ପକ୍ଷ ଉଲ୍ଲେଖ କରିଥିଲେ ଯେ ଭାରତରେ 100 ରୁ ଅଧିକ ଫିନଲ୍ୟାଣ୍ଡ କମ୍ପାନୀ ଏବଂ ଫିନଲ୍ୟାଣ୍ଡରେ 30 ଟି ଭାରତୀୟ କମ୍ପାନୀର ଉପସ୍ଥିତି ପରସ୍ପରର ଅର୍ଥନୀତିରେ ମହତ୍ୱପୂର୍ଣ୍ଣ ଅବଦାନ ରଖିଛି। ମେକ୍ ଇନ୍ ଇଣ୍ଡିଆ ଓ ଡିଜିଟାଲ୍ ଇଣ୍ଡିଆ ଆଦି ଫ୍ଲାଗସିପ୍ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଭାରତୀୟ ଦଳ ଫିନଲ୍ୟାଣ୍ଡ କମ୍ପାନୀଗୁଡିକୁ ଆମନ୍ତ୍ରଣ କରିଥିଲେ।

5. ଛାତ୍ର ଓ ପେସାଦାରଙ୍କ ଯାତ୍ରା ସମେତ ଉଭୟ ଦେଶ ମଧ୍ୟରେ ଅଧିକ ଗତିଶୀଳତାର ଆବଶ୍ୟକତା ଉପରେ ଉଭୟ ପକ୍ଷ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ଚୂଡାନ୍ତ ହୋଇଥିବା ଏୟାର ବବଲ ବ୍ୟବସ୍ଥାକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ ଯାହାଦ୍ୱାରା ଭାରତ ଓ ଫିନଲ୍ୟାଣ୍ଡ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇପାରିବ।

6. ଉଭୟ ପକ୍ଷ କୋଭିଡ-19 ପରିସ୍ଥିତି ଓ ଉଭୟ ଦେଶରେ ଚାଲିଥିବା ଟିକାକରଣ ଅଭିଯାନ ଉପରେ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ ଓ 2030 ଏସଡିଜି ଏଜେଣ୍ଡା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

7. ଫିନଲ୍ୟାଣ୍ଡ ଦଳ ଭାରତର ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ଅବସରରେ ଭାରତକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ମହତ୍ୱପୂର୍ଣ୍ଣ ଉତ୍ସବକୁ ପାଳନ କରିବା ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ସେମାନେ ଉତ୍ସାହିତ ଥିବା କହିଥିଲେ।

୪. ଆଫଗାନିସ୍ତାନ, ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ, ଭାରତ-ୟୁରୋପୀୟ ସଂଘ ସହଭାଗୀତା, ଆର୍କଟିକ୍ ଓ ଆଣ୍ଟାର୍କଟିକ୍ ଅଞ୍ଚଳ ଏବଂ ସିଓପି-26 ରେ ସହଯୋଗ ସମେତ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ଜାତିସଂଘ ମାନବାଧିକାର ପରିଷଦରେ ସେମାନଙ୍କ କାର୍ଯ୍ୟକାଳ (2022-2024) ମଧ୍ୟରେ ଓ ଅନ୍ୟାନ୍ୟ ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

୨. ସଚିବ (ପଶ୍ଚିମ) ଫିନଲ୍ୟାଣ୍ଡର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ପେକ୍କା ହାଭିଷ୍ଟୋଙ୍କୁ ମଧ୍ୟ ଭେଟିଥିଲେ ଏବଂ ଦ୍ୱିପାକ୍ଷିକ ସଂପର୍କର ସକରାତ୍ମକ ପଥ ବିଷୟରେ ଆଲୋଚନା କରିଥିଲେ ଏବଂ ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗରେ ମତ ବିନିମୟ କରିଥିଲେ।

**ହେଲସିଙ୍କି**

**ନଭେମ୍ବର 23, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.